## ସଂକ୍ଷେପରେ

### କାର୍ ଧକ୍କାରେ ଭାଙ୍ଗିଲା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ

**ଭାପୁର, ୨୯।୫(ଡି.ଏନ୍.ଏ.):** ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ପୁରୁଣା କଟକ-ସମ୍ବଲପୁର ରାସ୍ତା ରଥପଦା ଗ୍ରାମ ନିକଟରେ ବୁଧବାର ଅପରାହ୍ନରେ କାର୍ (ଓଡ଼ି ୦୪ ଇ ୧୬୬୬) ଧକ୍କାରେ ୧୧ କେଭି କ୍ଷମତା ବିଶିଷ୍ଟ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଏଥିସହ ୧୧ କେଭି ଖୁଣ୍ଟ ସହ ସଂଯୁକ୍ତ ହୋଇଥିବା ଅନ୍ୟ ଏକ ଏଲ୍‌ଟି ଇଲେକ୍ଟ୍ରି ପୋଲ ମଧ ଭାଙ୍ଗିପଡ଼ିଛି। କାର୍‌ରେ ଯାଉଥିବା ନରେଶ ଶତପଥୀ, ବାବୁନ ସରକାର, ବିକାଶ କେଡିଆ, ରଞ୍ଜିତ ପାତ୍ର ସାମାନ୍ୟ ଆହତ ହୋଇଛନ୍ତି। ସେମାନେ ବିଦ୍ୟୁତ୍ ଝଟ୍‌କାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

ସମ୍ପୃକ୍ତ ବ୍ୟକ୍ତିମାନେ ଝାରସୁଗୁଡ଼ାରୁ ଭୁବନେଶ୍ୱରରୁ ଅଭିମୁଖେ ଯାଉଥିଲେ। ପୋଲିସ ଗାଡ଼ି ଜବତ କରିବା ସହ ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲା। ସନ୍ଧ୍ୟାସୁଦ୍ଧା ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇ ନ ଥିବା ଜଣାପଡ଼ିଛି।

### ଜେଲ ଗଲେ ରାସୋଳ ଥାନାଧିକାରୀ



**ଢେଙ୍କାନାଳ ଅଫିସ, ୨୯।୫:** କ୍ରଶର ମାଲିକ ଆଶୁତୋଷ ମହାନ୍ତିଙ୍କଠାରୁ ୫୦ ହଜାର ଟଙ୍କା ବଟିନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ରାସୋଳ ଥାନାଧିକାରୀ ସନ୍ତୋଷ କୁମାର ପ୍ରଧାନ ଗିରଫ ହୋଇଛନ୍ତି। ତାଙ୍କୁ ବୁଧବାର ଢେଙ୍କାନାଳ କୋର୍ଟ ଚାଲାଣ କରାଯିବା ପରେ ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ଆସନ୍ତା ୬ ତାରିଖରେ ତାଙ୍କର ଜାମିନ ଆବେଦନର ଶୁଣାଣି ହେବ ବୋଲି କୋର୍ଟ ନିର୍ଦ୍ଦେଶ ଦେବାପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସନ୍ତୋଷଙ୍କ ନାମରେ ପୂର୍ବରୁ ଏପରି ଅନେକ ଅଭିଯୋଗ ଆସିଥିଲା। ଏହାସତ୍ତ୍ୱେ ତାଙ୍କୁ ଏପ୍ରିଲ ୧ ପୋଲିସ ପ୍ରତିଷ୍ଠା ଦିବସରେ ଜିଲାର ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ପୁରସ୍କୃତ କରାଯାଇଥିଲା। ସନ୍ତୋଷ ଲାଞ୍ଚ କାରବାର ମାମଲାରେ ଛନ୍ଦି ହେବା ପରେ କେଉଁ ପରିସ୍ଥିତିରେ ତାଙ୍କୁ ପୁରସ୍କୃତ କରାଯାଇଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ଢେଙ୍କାନାଳ କଲେଜ ଯୁକ୍ତ୩ ପରୀକ୍ଷା ଫଳ ପ୍ରକାଶିତ

# ପାସ୍ ହାର ୭୧.୨୮%, ସୁବ୍ରତ ଟପ୍ପର

**ଢେଙ୍କାନାଳ ଅଫିସ, ୨୯।୫**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ପରୀକ୍ଷା ଫଳ ବୁଧବାର ସକାଳ ସାଢ଼େ ୯ଟାରେ ପ୍ରକାଶ ପାଇଛି। ଚଳିତବର୍ଷ ପାସ୍ ହାର ରହିଛି ୭୧.୨୮%। ପଦାର୍ଥ ବିଜ୍ଞାନ ଛାତ୍ର ସୁବ୍ରତ କୁମାର ପଣ୍ଡା କଲେଜ ଟପ୍ପର ହୋଇଛନ୍ତି। ସେ ଏଗ୍ରିଗେଡକୁ ମିଶାଇ ମୋଟ ୨୬୦୦ରୁ ୨୪୧୨ ମାର୍କ ରଖିଛନ୍ତି। ତାଙ୍କୁ ଓ(ଡି) ଗ୍ରେଡ୍ ମିଳିଛି।

କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ୫୦୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୫୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରେ ଓ-ଗ୍ରେଡ୍ ଓ ଡିଷ୍ଟିନ୍‌ଶନରେ ୫, ଏ+ରେ ୩, ଏ+ଡିରେ ୪୦, ଏ(ଡି)ରେ ୯୨, ଏରେ ୧୭, ଡି+ଡିରେ ୫୨, ବି+ରେ ୫୨, ବିରେ ୬୮, ସିରେ ୨୫ ଏବଂ ଡି ଗ୍ରେଡ୍‌ରେ ଜଣେ ଅଛନ୍ତି। ୧୪୧ଜଣ ଫେଲ୍ ହୋଇଥିବାବେଳେ ୨ଜଣ କପି କରି ଧରାପଡ଼ିଛନ୍ତି। କଳା ବିଭାଗରେ ୨୦୨ଜଣ ପରୀକ୍ଷା ଦେଇଥିବାବେଳେ ୧୪୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୭୩.୨୬% ହୋଇଛି। ସେହିପରି ବିଜ୍ଞାନରେ ୧୬୩ ଜଣଙ୍କ ମଧ୍ୟରୁ ୧୪୭ଜଣ (୯୦.୧୮%), ବାଣିଜ୍ୟରେ ୧୪୧ରୁ ୫୯ଜଣ (୪୨.୭୫%) ପାସ୍ ହୋଇଛନ୍ତି।

ଅର୍ଥନୀତି ବିଭାଗ ସମ୍ମାନରେ ରୋଜାଲିନ ସେନାପତି, ଇଂଲିଶ ସମ୍ମାନରେ ପଲ୍ଲିଶ୍ରୀ ମିଶ୍ର, ଇତିହାସରେ ଶୁଭସ୍ମିତା ସାହୁ, ଓଡ଼ିଆରେ ଅଶ୍ୱିନୀ କୁମାର ଦ୍ୱିବେଦୀ, ଦର୍ଶନଶାସ୍ତ୍ରରେ ରାଜଲକ୍ଷ୍ମୀ ମହାନ୍ତି, ରାଜନୀତି ବିଜ୍ଞାନରେ ଅର୍ପିତା ସାହୁ, ମନସ୍ତତ୍ତ୍ୱରେ ଶୁଭଲକ୍ଷ୍ମୀ ସାହୁ, ସଂସ୍କୃତରେ ପୂର୍ଣ୍ଣାନନ୍ଦ ମଲ୍ଲିକ, ଉଦ୍ଭିଦ ବିଜ୍ଞାନରେ ଶାଶ୍ୱତୀ ସାହୁ, ରସାୟନ ବିଜ୍ଞାନରେ ଅମ୍ରିତା ଐଶ୍ୱର୍ଯ୍ୟା ନନ୍ଦ, କମ୍ପ୍ୟୁଟର ବିଜ୍ଞାନରେ ମୃତ୍ୟୁଞ୍ଜୟ ରାଉତ, ଗଣିତରେ ବିଭୂତି ଭୂଷଣ ସାହୁ, ପଦାର୍ଥ ବିଜ୍ଞାନରେ ସୁବ୍ରତ କୁମାର ପଣ୍ଡା, ପ୍ରାଣୀ ବିଜ୍ଞାନରେ ପ୍ରିତୀଜ୍ୟୋସ୍ନା ସାହୁ, ଆକାଉଣ୍ଟିଂରେ ଜୟଶ୍ରୀ ପ୍ରଧାନ ବିଭାଗୀୟ ଟପ୍ପର ହୋଇଛନ୍ତି।

କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପଦ୍ମକାନ୍ତ ମିଶ୍ର ପରୀକ୍ଷା ଫଳ ଘୋଷଣା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଜୟଦେବ ପାଢୀ, ସହକାରୀ ପରୀକ୍ଷା ନିୟନ୍ତ୍ରକ ରମେଶ ଚନ୍ଦ୍ର ବେହେରା, ଦେବାଶିଷ ମହାନ୍ତି, ଅଧ୍ୟାପକ ସଞ୍ଜିତ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ପରିଡ଼ା, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଧରଣୀଧର ରଣା ଓ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ନମିତା କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଢେଙ୍କାନାଳ କଲେଜରେ ପରୀକ୍ଷା ଫଳ ଘୋଷଣା କରାଯାଉଛି।

■କଳାରେ ୭୩.୨୬%

■ବିଜ୍ଞାନରେ ୯୦.୧୮%

■ବାଣିଜ୍ୟରେ ୪୨.୭୫%

### ଗବେଷଣା କରିବି: ସୁବ୍ରତ



ସୁବ୍ରତ କୁମାର ପଣ୍ଡା

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାରେ ପଦାର୍ଥ ବିଜ୍ଞାନ ଛାତ୍ର ସୁବ୍ରତ କୁମାର ପଣ୍ଡା ଟପ୍ପର ହୋଇଛନ୍ତି। ସେ ନିଜ ସଫଳତାର ଶ୍ରେୟ ଅଧ୍ୟାପିକାଅଧ୍ୟାପକ ଏବଂ ଅଭିଭାବକଙ୍କୁ ଦେଇଛନ୍ତି। ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସୁବ୍ରତ ନିଜର ପ୍ରତିକ୍ରିୟାରେ କୁହନ୍ତି, ଯୁକ୍ତ ୩ ପରୀକ୍ଷା ଶେଷ ହୋଇଛି। ଏ ଏବେ ଏମ୍‌ଏସ୍‌ସି କରିବେ। ଏହାପରେ ପିଏଚ୍‌ଡି ଏବଂ ଗବେଷଣା ଲାଗି ପ୍ରସ୍ତୁତ ହେବେ। ଭବିଷ୍ୟତରେ ଜଣେ ପ୍ରାଧ୍ୟାପକ ହେବା ଲକ୍ଷ୍ୟରେ ଅଛନ୍ତି। ଦିନକୁ ସେ ୬ଘଣ୍ଟାରୁ ଊର୍ଦ୍ଧ୍ୱ ପରିଶ୍ରମ କରୁଥିଲେ। ଟପ୍ପର ହେବାକୁ ଆଶା ରଖିଥିଲେ। ଏହା ପୂରଣ ହୋଇଥିବାରୁ ସେ ବେଶ୍ ଖୁସି ଥିବା କହିଛନ୍ତି।

ସ୍ଥାନୀୟ ଦୁର୍ଗାବଜାର ଅଞ୍ଚଳର ବ୍ୟବସାୟୀ ସନ୍ତୋଷ କୁମାର ପଣ୍ଡା ଏବଂ ମା' ସ୍ନେହଲତା ପଣ୍ଡାଙ୍କ କନିଷ୍ଠ ପୁତ୍ର ହେଉଛନ୍ତି ସୁବ୍ରତ। ଜଣେ ମେଧାବୀ ଛାତ୍ର ଭାବେ ସେ ପରିଚିତ। ମାଟ୍ରିକ୍ ପରୀକ୍ଷାରେ ସେ ୯୫% ମାର୍କ ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଯୁକ୍ତ ୨ରେ ମଧ ୮୮% ମାର୍କ ରଖିଥିଲେ।

■ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦ

# ରାସ୍ତାକୁ ଓହ୍ଲାଇଲେ ଉପଭୋକ୍ତା

**ଢେଙ୍କାନାଳ ଅଫିସ, ୨୯।୫**

ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅଞ୍ଚଳବାସୀ। ଅନବରତ ୧୨ ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ ପରେ ଅସହ୍ୟ ଗରମରେ ସନ୍ତୁଳି ହେଉଥିବା ଉତ୍ୟକ୍ତ ଉପଭୋକ୍ତା ବୁଧବାର ରାତି ୮ଟାରୁ ୫୫ନଂ. ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ରାସ୍ତାରୋକୋ ଜାରି ରହିଥିବାବେଳେ ଶତାଧିକ ଯାନବାହନ ଅଟକି ରହିଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ବୁଧବାର ପୂର୍ବାହ୍ନ ୮ଟାରୁ ସଦାଶିବପୁର, ଝାରଗାଡିଆ, ଟୁଙ୍ଗିନାଳି, ବଡ଼ବଉଳପୁର, ସାନବଉଳପୁର ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏ ନେଇ ସସୁ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଥିଲା। ହେଲେ ସମସ୍ୟା ସମାଧାନ ପରିବର୍ତ୍ତେ ବିଭାଗୀୟ ଯନ୍ତ୍ରୀ ନୀରବଦ୍ରଷ୍ଟା ସାଜିଛନ୍ତି। ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ରାତି ୮ଟା ସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ତତ୍ପରତା ପ୍ରକାଶ ପାଇଲାନାହିଁ। ଏହାର ପ୍ରତିବାଦରେ ଝାରଗାଡ଼ିଆ ଛକରେ ରାସ୍ତା ଅବରୋଧ କରାଯାଇଥିଲା। ଅଞ୍ଚଳରେ ହାତୀ ଉପଦ୍ରବ ଚରମସୀମାରେ ପହଞ୍ଚିଥିବାବେଳେ ତାପମାତ୍ରା ବୃଦ୍ଧି ଚିନ୍ତାଜନକ ହୋଇଛି। ଏପରିସ୍ଥିତିରେ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିନା ସୂଚନାରେ ବିଦ୍ୟୁତ୍ କାଟ କରାଯିବା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ରାସ୍ତାରୋକୋ ସମ୍ପର୍କରେ ଏ ସେସୁ କର୍ତ୍ତୃପକ୍ଷଙ୍କ ନିକଟରେ ସୂଚନା ନାହିଁ। ଖବର ଲେଖାଯିବା ସୁଦ୍ଧା ପୋଲିସ ମଧ ଘଟଣାସ୍ଥଳରେ ପହଞ୍ଚିନାହିଁ। ରାସ୍ତାରୋକୋ ଯୋଗୁ ଯାତ୍ରୀମାନେ ଅଟକି ରହିଛନ୍ତି। ଏ ସମ୍ପର୍କରେ ସେସୁ ନିର୍ବାହୀଯନ୍ତ୍ରୀ ସ୍ୱପ୍ନସରିତ ମିଶ୍ର କୁହନ୍ତି, ଘଟଣା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିଲା। ଖବର ମିଳିବା ପରେ ସେ ଏ ନେଇ ଅନୁଧାନ କରୁଥିବା କହିଥିଲେ।



ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି।

# କଳ୍ପନାଙ୍କୁ ମନେପକାଇଲେ



**ଢେଙ୍କାନାଳ ଅଫିସ, ୨୯।୫**

ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ବିୟୋଗରେ ସ୍ଥାନୀୟ ପିପାର ସ୍ୱେଚ୍ଛାସେବୀ ହଲ୍ ପରିସରରେ ଜାତୀୟ ଜନକ୍ରାନ୍ତି ପରିଷଦ ପକ୍ଷରୁ ବୁଧବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ, ବାହାଦୁର ପାଟଶାହାଣୀ, ଅଥୟ ସାହୁ, ସରୋଜ ଶତପଥୀ, ମନୋଜ ସାହୁ, ଶିକ୍ଷକ ଦେବୀପ୍ରସାଦ ମିଶ୍ର ପ୍ରମୁଖ କଳ୍ପନାଙ୍କ ସ୍ମୃତିଚାରଣ କରିଥିଲେ। କଳ୍ପନା ଥିଲେ ଢେଙ୍କାନାଳ ମାଟିର ସୁଯୋଗ୍ୟ ସନ୍ତାନ। ଜଣେ ଦୁଃସାହାସୀ କ୍ରୀଡ଼ାବିତ୍ ଭାବେ ତାଙ୍କ କୀର୍ତ୍ତି ଅମର ରହିବ ବୋଲି ମତପ୍ରକାଶ ପାଇଥିଲା। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସହରରେ କଳ୍ପନାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପରିଷଦ ପକ୍ଷରୁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି।

### ୩ ଅଭିଯୁକ୍ତ ଗିରଫ

**କଣିହାଁ, ୨୯।୫(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ପୋଲିସ ୨ଟି ପୃଥକ ମାମଲାରେ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ତଦନ୍ତକାରୀ ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆଙ୍କ ସୂଚନା ମୁତାବକ, ଥାନା ଅଞ୍ଚଳରେ ଏକ ବଳାତ୍କାର ଘଟଣାରେ ନଂ. ୬୬/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଶିପୁର ଗ୍ରାମର ଲିପୁ ସାମଲ ଓ ବଳରାମ ସାମଲଙ୍କୁ ଗିରଫ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ସେହି ଗ୍ରାମର ଜିତେନ୍ଦ୍ର ସାମଲ ଫେରାର ଅଛନ୍ତି। ସେହିପରି ଏକ ଯୌତୁକ ନିର୍ଯାତନା ମାମଲା(ନଂ. ୭୯/୧୯)ରେ ପୋଲିସ ବିଲିଣ୍ଡା ଗ୍ରାମର କମଳ ଲୋଚନ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

■ଜିଲାରେ ଗୁଣାତ୍ମକ ଶିକ୍ଷାର ବିକଳ ଚିତ୍ର

# ମାଟ୍ରିକ ପରୀକ୍ଷାରେ ୪୦୦୦ ପିଲା ଫେଲ୍

**ଢେଙ୍କାନାଳ ଅଫିସ, ୨୯।୫**

ଗୁଣାତ୍ମକ ଶିକ୍ଷାରେ ପଛରେ ପଡ଼ିଛି ଢେଙ୍କାନାଳ ଜିଲା। ମାଟ୍ରିକ ପରୀକ୍ଷାରେ ୪ ହଜାର ପିଲା ଅକୃତକାର୍ଯ୍ୟ ହେବା ପରେ ଏପରି ଚିତ୍ର ପଦାକୁ ଆସିଛି। ଏହାକୁ ନେଇ ଚିନ୍ତାରେ ପଡ଼ିଛି ଜିଲା ଶିକ୍ଷା ବିଭାଗ। ଏହାପରେ ମାଟ୍ରିକ୍ ପାସ୍ ହାର ବଢ଼ାଇବାକୁ ଆରମ୍ଭ ହୋଇଛି ପ୍ରଶାସନିକ କସରତ। ବୁଧବାର ଜିଲା ଶିକ୍ଷା କାର୍ଯ୍ୟାଳୟରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏହାର ସମୀକ୍ଷା କରିଛନ୍ତି।

ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ଆରମ୍ଭ ହୋଇଛି 'ସାଥି'। ପ୍ରତି ଜିଲାରେ ଏହାର ମାସିକ ସମୀକ୍ଷା କରାଯାଉଛି। ରିପୋର୍ଟ ପଠାଯାଉଛି ରାଜ୍ୟ ସରକାରଙ୍କୁ। ତଥାପି ଢେଙ୍କାନାଳ ଜିଲାରେ ଏତେ ସଂଖ୍ୟାରେ ମାଟ୍ରିକ ପରୀକ୍ଷାର୍ଥୀ ଫେଲ ହେବା ଆଶ୍ଚର୍ଯ୍ୟ କରିଛି। ଶିକ୍ଷାୟତନରେ ଶୈକ୍ଷିକ ପରିବେଶ ନ ଥିବାରୁ ଏପରି ରିଜଲ୍ଟ ହୋଇଥିବା କୁହାଯାଉଛି। ଫେଲ୍ ହୋଇଥିବା ୪୦୦୦ ଛାତ୍ରୀଛାତ୍ରଙ୍କୁ ପାସ୍ କରାଇବା ଲାଗି ରିମେଡିଆଲ କୋଚିଂ ଯୋଗାଇ ଦେବାକୁ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲାର ୪୪% ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନାହିଁ। ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ର ସମସ୍ୟା ଭୋଗୁଛନ୍ତି। ଅନେକ ସ୍କୁଲରେ ସ୍ୱଚ୍ଛ ପାନୀୟ ଜଳର ସୁବିଧା ଅଦ୍ୟାବଧି ଉପଲବ୍ଧ କରାଯାଇପାରିନାହିଁ। ଆସନ୍ତା ଜୁଲାଇ ସୁଦ୍ଧା ଶୌଚାଳୟ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଫନି କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ୩୦ଲକ୍ଷ ୩୨ହଜାର ୯୨୧ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା ବୈଠକ ପରିଚାଳନା କରିଥିବାବେଳେ 'ସାଥି' ଅଧିକାରୀ ସଂଘମିତ୍ରା ତ୍ରିପାଠୀ ଏବଂ ପ୍ରଫୁଲ୍ଲ ପରଖ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

■୪୪% ସ୍କୁଲରେ ବିଦ୍ୟୁତ୍ ସଂଯୋଗ ନାହିଁ

■ରିମେଡିଆଲ କୋଚିଂ ଉପରେ ଗୁରୁତ୍ୱ

# ନକଲି ମଦ କାରଖାନା ଠାବ



ଜବତ ହୋଇଥିବା ନକଲି ମଦ ପ୍ରସ୍ତୁତ ସାମଗ୍ରୀ।

**ଭୁବନ, ୨୯।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧୀନ ୩ନଂ. ୱାର୍ଡରୁ ନକଲି ବିଦେଶୀ ମଦ ତିଆରି କାରଖାନା ଠାବ କରାଯାଇଛି। ଘଟଣାସ୍ଥଳରୁ ମଦ ପ୍ରସ୍ତୁତ କରାଯାଉଥିବା ମେଶିନ ସହ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୪ଜଣ ଧରାପଡ଼ିଛନ୍ତି।

ଭୁବନ ଏନ୍‌ଏସି ଅଞ୍ଚଳରେ ଚୋରା ନକଲି ମଦ ତିଆରି କରାଯାଇ ଜିଲା ତଥା ଜିଲା ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ଏ ନେଇ ସୂଚନା ମିଳିବା ପରେ ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସହାୟତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଅତର୍କିତ ଚଢ଼ାଉ କରାଯାଇଥିଲା। ୩ନଂ. ୱାର୍ଡ ଅଧୀନ ନୂଆଭୁବନ ଅଞ୍ଚଳର ଲକ୍ଷ୍ମୀଧର ସାହୁ (୫୨)ଙ୍କ ଘରୁ ୬୫୦ଲିଟର ସ୍ପିରିଟ, ମଦ ପ୍ୟାକିଂ ପାଇଁ ରଖାଯାଇଥିବା ୮୦୦ଟି ବୋତଲ, ୬କେଜି କ୍ୟାମେଲ, ୨ଟି ମଦ ତିଆରି ମେଶିନ, ୮୦୦୦ ଷ୍ଟିକର, ୨୫୦୦ ନକଲି କମ୍ପାନୀ ଲେଭଲ ଜବତ କରାଯାଇଥିଲା। ଏଥିସହ ମଦ ଚାଲାଣରେ ବ୍ୟବହୃତ କାର (ଓଡି ୧୯ ଏମ୍ ୦୦୯୩) ମଧ ଧରାପଡ଼ିଛି। ଘଟଣାସ୍ଥଳରୁ କପିଳ ସାହୁ (୨୫)ଙ୍କୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀଧରଙ୍କୁ ଜେରାବେଳେ ଏପରି ବେଆଇନ କାରବାର ପଛରେ ଥିବା ଅନ୍ୟମାନଙ୍କ ସମ୍ପର୍କରେ ସତ ଓଗାଳିଥିଲେ। ଏହାପରେ ମଦ ତିଆରି ସାମଗ୍ରୀ ଯୋଗାଉଥିବା ୯ନଂ. ୱାର୍ଡ ପାଲାମଣ୍ଡପ ଅଞ୍ଚଳର ଶରତ କୁମାର ସାହୁ (୩୩), ରଞ୍ଜନ କୁମାର ସାହୁ (୪୦)ଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ନଂ. ୨୫/୧୯ରେ ମାମଲା ରୁଜୁ କରାଯାଇଛି। ଏଥିରେ ଅନ୍ୟ କେତେଜଣଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପୋଲିସ ଛାନ୍‌ଭିନ୍ କରୁଛି।

ଥାନାଧିକାରୀ ନିର୍ମଳା ଗୋଚ୍ଛାୟତଙ୍କ ନେତୃତ୍ୱରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ରାଜଶେଖର ସ୍ୱାଇଁ, ସଦର ଇନ୍ସପେକ୍ଟର ସମୀର ମହାନ୍ତି, କାମାକ୍ଷାନଗର ସବ୍‌ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

■ବିପୁଳ ସାମଗ୍ରୀ ଜବତ

■୪ ଅଭିଯୁକ୍ତ ଗିରଫ

■ବଦଳିବ ପୌରାଞ୍ଚଳ, ଏନ୍‌ଏସି କଳେବର

# ପ୍ରସ୍ତୁତ ହେବ ବିକାଶମୂଳକ ଯୋଜନା: ଜିଲାପାଳ

**ଢେଙ୍କାନାଳ ଅଫିସ,୨୯।୫**

ବଦଳିବ ଢେଙ୍କାନାଳ ଜିଲାର ପ୍ରମୁଖ ସହରାଞ୍ଚଳର କଳେବର। ସହରବାସୀ ଅତ୍ୟାଧୁନିକ ସୁବିଧା ହାତପାହାନ୍ତାରେ ପାଇବେ। ଏଥି ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବ। ଏ ନେଇ ଖୁବ୍‌ଶୀଘ୍ର ଯୋଜନା ପ୍ରସ୍ତୁତ କରାଯିବ ବୋଲି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କହିଛନ୍ତି। ବୁଧବାର ସ୍ଥାନୀୟ ସର୍କିଟ ହାଉସ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ଢେଙ୍କାନାଳ ପୌରାଞ୍ଚଳ ସମେତ କାମାକ୍ଷାନଗର, ଭୁବନ ଏବଂ ହିନ୍ଦୋଳ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ବିକାଶମୂଳକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ। ପୌରାଞ୍ଚଳରେ ଟେନିସ୍ କୋର୍ଟ, ସୁଇମିଂ ପୁଲ, ୱାକିଙ୍ଗ୍ ପାଥ୍, ପାର୍କ, ଜିମ୍, ସ୍ପୋର୍ଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ବରିଷ୍ଠ ନାଗରିକଙ୍କ ଅବସର ବିନୋଦନ, ସୁରକ୍ଷା ଲାଗି ବ୍ୟବସ୍ଥା ହେବ। ପିଲାମାନଙ୍କୁ ପାଠପଢ଼ା ପ୍ରତି ଆକର୍ଷିତ କରିବାକୁ ଉନ୍ନତମାନର ଲାଇବ୍ରେରି, ରିଡିଙ୍ଗ୍ ରୁମ୍, ୨ ଅଡିଟୋରିୟମ କରାଯିବ। ଜିଲା ସାମ୍ବାଦିକ ଭବନର ସମ୍ପ୍ରସାରଣ କରାଯିବ। ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ସୂଚନା ଫଳକ ଲାଗିବ। ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରାଯିବ। ଜନ ସାଧାରଣ ଯେପରି ଶୁଦ୍ଧ ପାନୀୟ ଜଳ ପାଇ ପାରିବେ ସେ ନେଇ କାର୍ଯ୍ୟ ଆରମ୍ଭ ହେବ। ଏଥିରେ ଅଞ୍ଚଳବାସୀ ଆବଶ୍ୟକ ସହଯୋଗ କରିବା ସହିତ ଗଠନମୂଳକ ପରାମର୍ଶ ଦେବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଏହି ଅବସରରେ ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ଜୀବନୀ ଚରିତ୍ରକୁ ନେଇ ଏକ ପୁସ୍ତକ ପ୍ରକାଶନ କରିବା ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରେସ୍ କଲୋନୀ ପାଇଁ ଜମି ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଜିଲାରେ ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ଜିଲାପାଳ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ଜିଲା ପ୍ରେସ କ୍ଲବ ସମ୍ପାଦକ ସତ୍ୟସ୍ୱରୂପ ଦାସ, ପ୍ରଦୀପ ଦାସ, ସ୍ୱର୍ଣ୍ଣପ୍ରଭା ସେଠୀ, ଅମରେନ୍ଦ୍ର ଦାସ, ଅଥୟ ସାହୁ, ଆଭାସ ବରାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଗଣମାଧ୍ୟମକୁ ସୂଚନା ପ୍ରଦାନ କରୁଛନ୍ତି।

■ଢେଙ୍କାନାଳରେ ନିର୍ମାଣ ହେବ ଟେନିସ୍ କୋର୍ଟ

■ପୁନରୁଦ୍ଧାର ହେବ ପୁରାତନ ଜଳାଶୟ

■କଳ୍ପନାଙ୍କ ଜୀବନୀ ପୁସ୍ତିକା ପାଇଁ ପ୍ରସ୍ତାବ

## ସଂକ୍ଷେପରେ

### ଆର୍‌ଆଇଙ୍କୁ ୨ବର୍ଷ ଜେଲଦଣ୍ଡ

ବାଲେଶ୍ୱର ଅଫିସ, ୨୯।୫: ବାଲେଶ୍ୱର ଜିଲା ରେମୁଣା ତହସିଲ ସାହୁପଡ଼ା ସର୍କଲ୍‌ର ପୂର୍ବତନ ଆର୍‌ଆଇ ଭଗବାନ ଚନ୍ଦ୍ର ନାୟକ ଏକ ମ୍ୟୁଟେସନ୍ ରିପୋର୍ଟ ଦେବା ଲାଗି ପାଇଁ ୨ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ୨୦୦୯ ଏପ୍ରିଲ ୯ ତାରିଖରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ଅଫିସ୍ ପକ୍ଷରୁ ଏକ ମାମଲା (ନଂ. ୨୪/୨୦୦୯) ରୁଜୁ କରାଯାଇଥିଲା। ବାଲେଶ୍ୱର ଭିଜିଲାନସ୍‌ର ସ୍ୱତନ୍ତ୍ର ଜଜ୍ ଶାରଦା ପ୍ରସାଦ ନାୟକ ବୁଧବାର ଉକ୍ତ ମାମଲାରେ ବିଚାର କରି ଅଭିଯୁକ୍ତ ଭଗବାନଙ୍କୁ ୨ବର୍ଷ ଜେଲ୍ ଦଣ୍ଡ ସହ ୩ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ନ ଦେଲେ ୨ମାସ ଜେଲ୍ ଭୋଗିବାକୁ ପଡ଼ିବ। ମକଦ୍ଦମା ବିବରଣୀ ଅନୁଯାୟୀ ସଦର ଥାନା ଅଧୀନ ରେମୁଣା ତହସିଲ ସାହୁପଡ଼ା ସର୍କଲ ଅଧୀନ ପାଳପଦା ଗ୍ରାମର ଜୟନ୍ତ କୁମାର ପଣ୍ଡା ଏକ ଜମିବାଡ଼ି ମ୍ୟୁଟେସନ୍ ପାଇଁ ଆର୍‌ଆଇଙ୍କ ନିକଟକୁ ଯାଇଥିଲେ। ଏହି କାମ କରି ଦେବା ଲାଗି ତାଙ୍କୁ ବାରମ୍ବାର ଫେରାଇ ହରାଇରାଣ କରାଯିବା ପରେ ୨ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ତାଙ୍କୁ ଧରିବା ସକାଶେ ଜାଲ ବିଛାଯାଇଥିଲା। ଆରଆଇ ଏହି ଲାଞ୍ଚ ନେବା ବେଳେ ଧରିଥିଲେ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଡି.ଡି. ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

### ଟ୍ରେନ୍ ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ବାଲେଶ୍ୱର ଅଫିସ,୨୯।୫:** ବାଲଶ୍ୱର ରେଳଷ୍ଟେଶନ ପରିସରରେ ମଙ୍ଗଳବାର ରାତି ୧୦ଟା ସମୟରେ ୧୫୯୩୦ ନଂ. ଏକ୍ସପ୍ରେସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡି ନାହିଁ। ମଙ୍ଗଳବାର ରାତିରେ ଷ୍ଟେଶନର ୧ନଂ ପ୍ଲାଟଫର୍ମରୁ ଏହି ଟ୍ରେନ ମାତ୍ର ୫ଶହ ମିଟର ଦୂରଯିବା ପରେ ଏହି ଅଜଣା ବ୍ୟକ୍ତି ଧକ୍କାରେ ସମ୍ମୁଖୀନ ହୋଇଥିଲେ। ରେଳବାଇ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଳବାଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୫/୨୦୧୯) ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଶବାଗାରରେ ଶୀତତାପ ନିୟନ୍ତ୍ରଣରେ ରଖାଯାଇଛି। ଶବ ଚିହ୍ନଟ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ରେଳବାଇ ପୋଲିସ ଏସ୍‌ଆଇ ସୁଶାନ୍ତି ସିଂ ପ୍ରକାଶ କରିଛନ୍ତି।

### ଗଛ ଡାଳ ପଡ଼ି ନାବାଳକଙ୍କ ମୃତ୍ୟୁ

**କେନ୍ଦୁଝର, ୨୯।୫ (ସ୍ୱ.ପ୍ର.):** ବାହାରକୁ ଶୌଚ କରିବାକୁ ଯାଇଥିବା ବେଳେ ଗଛର ଡାଳ ପଡିବାରୁ ଜଣେ ନାବାଳକ ପ୍ରାଣ ହରାଇଛନ୍ତି। କେନ୍ଦୁଝର ଜିଲା ସୀମା ଝାଡ଼ଖଣ୍ଡ ରାଜ୍ୟର ଜଗନ୍ନାଥପୁର ବ୍ଲକ ଛଣପଦା ଗ୍ରାମରେ ଏହି ଅଘଟଣ ଘଟିଥିଲା। ତାଙ୍କ ନାମ ଦେବାଶିଷ ବେହେରା (୧୫) ବୋଲି ଜଣାପଡିଛି। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରାତି ୯ ଟାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

### ପୋଡ଼ିହୋଇ ନାବାଳିକା ଗୁରୁତର

ସଜନାଗଡ଼, ୨୯।୫ (ଡି.ଏନ.ଏ.) ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାଗୁଡ଼ିଆ ପଞ୍ଚାୟତ ଗୋଡ଼ିଶୂଳ ଗ୍ରାମରେ ପ୍ରତିମା ନାମ୍ନୀ ଜଣେ ୫ ବର୍ଷର ନାବାଳିକା ବୁଧବାର ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ପ୍ରତିମା ଖେଳୁଥିବା ବେଳେ ତାଙ୍କ ଘର ନିକଟରେ ରଖାଯାଇଥିବା ପତ୍ରରେ ନିଆଁ ଲାଗି ଯାଇଥିଲା। ସେତେବେଳେ ଅସାବଧାନତା ବଶତଃ ସେ ପିନ୍ଧି ଥିବା ପୋଷାକରେ ନିଆଁ ଲାଗି ଜଳି ଉଠିଥିଲା। ତାଙ୍କ ଚିତ୍କାର ଶୁଣି ମା' ଓ ପରିବାର ଲୋକେ ଆସି ନିଆଁକୁ ଲିଭାଇ ତାଙ୍କୁ ଉଦ୍ଧାର କରିଥିଲେ।

■ଅନୁଗୋଳ ଷ୍ଟାଡିୟମରେ ଖୋଲିଲା ସରକାରୀ ଆମ୍ବ ବଜାର

# ଚାଷୀ, ଖାଉଟିଙ୍କୁ ମିଳିବ ଲାଭ

**ଅନୁଗୋଳ ଅଫିସ, ୨୯।୫**

ଅନୁଗୋଳ ଜିଲାରେ ଉତ୍ତମ କିସମର ଆମ୍ବ ପ୍ରଦର୍ଶନ ସହ ସୁଲଭ ଦରରେ ବିକ୍ରି କରିବା ଉଦ୍ଦେଶ୍ୟରେ ବୁଧବାର ଅନୁଗୋଳ ଷ୍ଟାଡିୟମ ପାର୍ଶ୍ୱରେ ସରକାରୀ ଆମ୍ବ ବଜାର ଖୋଲାଯାଇଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିବା ସହ ଚାଷୀମାନେ ଭଲ କିସମର ଆମ୍ବ ଉଚିତ ମୂଲ୍ୟରେ ବିକ୍ରି କରି ବେଶ୍ ଲାଭବାନ ହେବେ ବୋଲି କହିଥିଲେ।

ଅନୁଗୋଳ ଜିଲାର ବେପାରୀମାନେ ବିଭିନ୍ନ କିସମର ଆମ୍ବ କମ୍ ଦରରେ କିଣି ଖାଉଟିଙ୍କୁ ଅଧିକ ମୂଲ୍ୟରେ ବିକ୍ରି କରୁଥିବାରୁ ଉଭୟ ଚାଷୀ ଓ ଖାଉଟି କ୍ଷତିର ସମ୍ମୁଖୀନ ହେଉଛନ୍ତି। ଜିଲାରେ ତୃତୀୟ ଥର ପାଇଁ ଖୋଲାଯାଇଥିବା ଏହି ଆମ୍ବ ବଜାର ଉଭୟ ଖାଉଟି, ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଫଳପ୍ରଦ ହେବ ବୋଲି ଜିଲାପାଳ କହିଥିଲେ। ଏହି ବଜାରରେ ବମ୍ବେଗ୍ରୀନ, ଆମ୍ରପଲି, ହେମସାଗର, ଲାଟସୁନ୍ଦରୀ, ଲେଙ୍ଗଡ଼ା, ବାଇଗଣପଲୀ, ରାଜା ବାଇଗଣପଲୀ, ହାତୀମୁଣ୍ଡା, ଦଶେରୀ, ମଲ୍ଲିକା, ଗୁଲାବଖାସ ଓ ଦେଶୀ ଆଦି ୧୪ଟି କିସମର ଆମ୍ବ ପ୍ରଦର୍ଶିତ ସହ ବିକ୍ରି କରାଯାଉଛି। ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଏହି ବଜାର ଚାଲିବ। ଆସନ୍ତା ସପ୍ତାହରେ ନୂଆ କିସମର ଆମ୍ବ ଏଠାକୁ ଆସିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ଏହି ଆମ୍ବ ବଜାରର ବିଶେଷତ୍ୱ ହେଉଛି ଚାଷୀମାନେ ଗଛରୁ ପାଚିଲା ଆମ୍ବକୁ ତୋଳି ସିଧାସଳଖ ଖାଉଟିମାନଙ୍କୁ ବିକ୍ରି କରି ଉଚିତ ମୂଲ୍ୟ ସଂଗ୍ରହ କରିପାରିବେ। ଓରମାସ୍, ଉଦ୍ୟାନ ବିଭାଗ, ନିୟନ୍ତ୍ରଣ ବଜାର କମିଟି ଓ ଏଫ୍‌ଇଏସ୍‌ର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ଆମ୍ବ ବଜାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଓରମାସର କାର୍ଯ୍ୟ ନିର୍ବାହୀ ନିରୋଦ କୁମାର ଜେନା, ଏଫ୍‌ଇଏସ୍‌ର ସ୍ୱପ୍ନା ଷଡ଼ଙ୍ଗୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ମହିଳା ବହୁମୁଖୀ ସମବାୟ ସମିତିର ସଦସ୍ୟା ବୃନ୍ଦ ଓ ବିଭିନ୍ନ ବ୍ଲକରୁ ଆସିଥିବା ଉତ୍ପାଦିକା ଦଳର ଆମ୍ବ ଚାଷୀମାନେ ଯୋଗଦେଇଥିଲେ। ତେବେ ମାସେ ହେବ ଅନୁଗୋଳ ବଜାରରେ ବେପାରୀମାନେ ଆମ୍ବ ବିକ୍ରି କରୁଥିବା ବେଳେ ପ୍ରଶାସନ ପକ୍ଷରୁ ଏତେ ବିଳମ୍ବରେ ସରକାରୀ ଆମ୍ବ ବଜାର ଖୋଲାଯିବାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବହୁ ଆଗରୁ ଏହି ସରକାରୀ ବଜାର ଖୋଲାଯାଇଥିଲେ ଆମ୍ବ ଚାଷୀମାନେ ଅଧିକ ଅର୍ଥ ରୋଜଗାର କରିପାରିଥାନ୍ତେ ବୋଲି କେତେଜଣ ଚାଷୀ କହିଛନ୍ତି।



ଅନୁଗୋଳ ଷ୍ଟାଡିୟମରେ ଖୋଲିଥିବା ଆମ୍ବ ବଜାର ।

■କାଳବୈଶାଖୀ ପରେ ଶୁଣିଲାନି ପ୍ରଶାସନ

# ରାସ୍ତାରୁ ଗଛ ହଟାଇଲେ ଲୋକେ


ରାଜପଥ ଉପରେ ଗଛ ଡାଳ ପଡ଼ିରହିଛି।

**ଅନୁଗୋଳ ଅଫିସ, ୨୯।୫**

ଅନୁଗୋଳ ସହର ସମେତ ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ବହୁ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ଏଥିଯୋଗୁ ସହର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ବି ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଗଛପଡ଼ି ରାଜପଥ ଜାମ୍ ହୋଇଥିବା ସମ୍ପର୍କରେ ସ୍ଥାନୀୟ ଲୋକେ ପ୍ରଶାସନକୁ ଜଣାଇଥିଲେ। ହେଲେ ଗଛ ହଟାଇବାକୁ କୌଣସି ଗୁରୁତ୍ୱ ଦିଆଯାଇ ନ ଥିଲା। ଏପରି କି ପୋଲିସ ମଧ୍ୟ ରାଜପଥର ଜାମ୍ ସ୍ଥଳରେ ପହଞ୍ଚି ନ ଥିଲା। ଫଳରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ନିଜେ ଡାଳସବୁ କାଟି ରାଜପଥ ଉପରୁ ଗଛ ହଟାଇ ଥିଲେ। କିନ୍ତୁ ବଡ଼ ବଡ଼ ଗଣ୍ଡିଗୁଡ଼ିକ ସେପରି ପଡ଼ି ରହିଥିବାରୁ ରାତି ସାରା ଗାଡ଼ି ଚଳାଚଳରେ ସମସ୍ୟା ଲାଗି ରହିଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କାଳବୈଶାଖୀରେ ରାସ୍ତା ଉପରେ ଗଛ ଡାଳ ଭାଙ୍ଗି ପଡ଼ିଥିବା ସମ୍ପର୍କରେ ସେମାନେ ଜାତୀୟ ରାଜପଥ ଓ ପରିବହନ ବିଭାଗକୁ ଜଣାଇଥିଲେ। ରାସ୍ତା ଜାମ୍ ସମ୍ପର୍କରେ ମଧ୍ୟ କହିଥିଲେ। ହେଲେ ବାରମ୍ବାର ଫୋନ୍ ପରେ ମଧ୍ୟ କେହି ଆସି ନ ଥିଲେ। ଏପରି କି ରାଜପଥ ଦୋହରୀକରଣ କରୁଥିବା ଗାୟତ୍ରୀ କମ୍ପାନୀକୁ ରାସ୍ତା ସଫା କରିବା ପାଇଁ ଲୋକେ ଅନୁରୋଧ କରିଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଇ ନଥିଲା। ଫଳରେ ଲୋକମାନେ ବାଧ୍ୟ ହୋଇ ଟାଙ୍ଗିଆ କୁରାଢ଼ି ଧରି ଗଛକାଟି ରାସ୍ତା ସଫା କରିଥିଲେ। ପରିବହନ ବିଭାଗ ପକ୍ଷରୁ ଜରିମାନା ଆଦାୟ ଉପରେ ଜୋର୍ ଦିଆଯାଉଥିବା ବେଳେ ବିପର୍ଯ୍ୟୟ ସମୟରେ କର୍ମଚାରୀଙ୍କ ଦେଖା ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

# ଇଲେକ୍ଟ୍ରିକାଲ(ଇ୨) ଚାମ୍ପିୟନ୍




**ଅନୁଗୋଳ ଅଫିସ, ୨୯।୫**

ଇଷ୍ଟକୋଷ୍ଟ ରେଲୱେ ଅଧୀନରେ ଥିବା ଅନୁଗୋଳ ରେଲୱେ ପକ୍ଷରୁ ଚାଲିଥିବା ଇଲେକ୍ଟ୍ରି ଲୋକୋଶେଡ ପ୍ରିମିୟର ଲିଗ୍–୨୦୧୯ରେ ମେକାନିକାଲ(ଏମ୍୧)କୁ ହରାଇ ଇଲେକ୍ଟ୍ରିକାଲ(ଇ୨) ଚାମ୍ପିୟନ ହୋଇଛି। ରେଲୱେ କଲୋନୀ ପଡ଼ିଆରେ ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ୮ଟି ରେଲୱେ ବିଭାଗର ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଇଲେକ୍ଟ୍ରିକାଲ(ଇ୨) ଓ ମେକାନିକାଲ(ଏମ୍୧) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଲେକ୍ଟ୍ରିକାଲ(ଇ୨) ନିର୍ଦ୍ଧାରିତ ୧୦ ଓଭରରେ ୧୫୨ ରନ୍ କରିଥିଲା। ଜବାବରେ ମେକାନିକାଲ(ଏମ୍୧) ୪ ଉଇକେଟ ହରାଇ ୧୧୫ ରନ୍ କରି ପରାସ୍ତ ହୋଇଥିଲା। ସିପକ୍ କୁମାର ସିଂହ ସର୍ବାଧିକ ୧୧୨ ରନ୍ କରି ମ୍ୟାନ ଅଫ ଦ ମ୍ୟାଚ ଓ ସିରିଜ ହୋଇଥିଲେ। ମୁଖ୍ୟଅତିଥି ଭାବେ ସିନିୟର ଡିଭିଜିନାଲ ଇଲେକ୍ଟ୍ରି ଇଞ୍ଜିନିୟର ସୁରେଶ କୁମାର ଯୋଗଦେଇଥିବାବେଳେ ଡିଇଇ ଏ. ସିଂହ, ଏଡିଇଇ ଏସ.ଏନ୍. ଦାସ, ଏଏମ୍ଏମ୍ ଜେ. ଖାନ୍ ଯୋଗ ଦେଇଥିଲେ। ରାହାସ କୁମାର ସାହୁ, ଏସ୍.କେ.ଆଚାର୍ଯ୍ୟ, ଆର.କେ.ମେହେର, ଏସ୍.କେ.ସେଠୀ, ପି.ଏସ୍.ରାଉତ ମ୍ୟାଚ ଆୟୋଜନ କରିଥିଲେ।

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ରେମୁଣା,୨୯।୫(ଡି.ଏନ.ଏ.)**

ସ୍ଥାନୀୟ ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁର ଅଞ୍ଚଳରେ ଏକ ବିବାହ ଉତ୍ସବରେ ବାସନ ମାଜିବାକୁ ଆସିଥିବା ଜଣେ ମହିଳା ବିଦ୍ୟୁତ୍ ଆଘାତ ପାଇ ମୃତ୍ୟୁବରଣ କରିଛନ୍ତି। ଗତ ୨୬ ତାରିଖ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୧୯ ) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଦ୍ୟୁତ୍ ଆଘାତ ପାଇବା ପରେ ଶୋଭାରାମପୁରର ଲିଲି ମାରାଣ୍ଡି ନାମ୍ନୀ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତଦନ୍ତ ପରେ ଏ ଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

■ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା

# ଏନ୍‌ଆର୍‌ଏଚ୍‌ଏମ୍‌ରେ ଖର୍ଚ୍ଚ ହେବ ୩୭.୧୪ କୋଟି

**ଢେଙ୍କାନାଳ ଅଫିସ, ୨୯।୫**

ଢେଙ୍କାନାଳ ଜିଲାରେ ସ୍ୱାସ୍ଥ୍ୟସେବାର ବିକାଶ ଲାଗି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆର୍‌ଏଚ୍‌ଏମ୍) ଯୋଜନାରୁ ୩୭ କୋଟି ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହାକୁ ଅନୁମୋଦନ ମିଳିସାରିଛି। ଯୋଜନାରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ କରିବା ନେଇ ବିଭାଗୀୟ ଅଧିକାରୀମାନ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ପୂର୍ବାହ୍ନରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କ୍ରିୟାନୁୟନ ଯୋଜନା ବୈଠକରେ ସେ ଏ ସଂକ୍ରାନ୍ତରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗିରହିଥିବା ବିଭିନ୍ନ ସମସ୍ୟା, ରୋଗୀ କଲ୍ୟାଣ ସମିତି କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଜିଲାରେ ଚାଲୁଥିବା ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାୱାରପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଅତିଥିମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପର୍କିତ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସ୍ୱଚ୍ଛତା ଅଭିଯାନରେ ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବଳରାମପୁର ଏବଂ ଧୀରପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କାଠଗଡ଼ାସ୍ଥିତ ସହରାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଥିଲେ।

ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏନ୍‌ଆର୍‌ଏଚ୍‌ଏମ୍ କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କିତ ପୁସ୍ତିକା ଉନ୍ମୋଚନ କରାଯାଉଛି।

# ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପ୍ରତିବାଦରେ ବିକ୍ଷୋଭ




**ଅନୁଗୋଳ ଅଫିସ, ୨୯।୫**

ଅନୁଗୋଳ ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏହାର ପ୍ରତିବାଦରେ ଏସ୍‌ୟୁସିଆଇ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ବର୍ଜ୍ୟବସ୍ତୁ ନିଷ୍କାସନ, ସମସ୍ତ ଡ୍ରେନ୍ ପରିଷ୍କାର କରି ବ୍ଲିଚିଂ ପାଉଡର ସିଞ୍ଚନ, ମଶାରୁ ରକ୍ଷା ପାଇଁ ମଶାମରା ଧୂଆଁ ଛାଡିବା ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଆବଶ୍ୟକତା ଅନୁଯାୟୀ ଡଷ୍ଟବିନ୍ ଯୋଗାଇଦେବା ଆଦି ଦାବିରେ ଏହି ବିକ୍ଷୋଭ କରାଯାଇଥିଲା।

ଅନୁଗୋଳ ପୌରପାଳିକାକୁ ସ୍ଥାୟୀ ଭିତ୍ତିରେ ଆବଶ୍ୟକ ସଂଖ୍ୟକ ସଫେଇ କର୍ମଚାରୀ ଯୋଗାଇଦେବା ସହିତ ସେମାନଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ଦାବି କରାଯାଇଛି। ଷ୍ଟାଡିୟମ୍ ପଡିଆରୁ ଏସ୍‌ୟୁସିଆଇ ପକ୍ଷରୁ ଏହି ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ଏସ୍‌ୟୁସିଆଇ ଅନୁଗୋଳ ଆଞ୍ଚଳିକ କମିଟି ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆଞ୍ଚଳିକ କମିଟି ସଭ୍ୟ ବିଷ୍ଣୁ ସାହୁ, ନିରଞ୍ଜନ ନାୟକ, ଦେବଯାନୀ ଦେହୁରୀ, ପ୍ରଭାସୀ ସ୍ୱାଇଁ, ନାରାୟଣ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୌରପାଳିକାର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦା କରି ଯେଉଁଭଳି ପରିବେଶକୁ ଦୂଷିତ କରାଯାଉଛି ତାହା ସଫେଇ କରା ନ ଗଲେ ଭୟଙ୍କର ମହାମାରୀ ବ୍ୟାପିବ ବୋଲି ବକ୍ତାମାନେ ଚେତାଇ ଦେଇଥିଲେ। ତୁରନ୍ତ ଏ ନେଇ ପଦକ୍ଷେପ ନିଆ ନ ଗଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରେ ଦାବିପତ୍ର ସହ ୫ଜଣିଆ ଏକ ପ୍ରତିନିଧି ମଣ୍ଡଳୀରେ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳ ପୌର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭକାରୀମାନେ ହଟିଥିଲେ।

■ବ୍ୟାଙ୍କ ସମୂହ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

# ଫନୀ ପ୍ରଭାବିତଙ୍କୁ ଋଣ ପ୍ରଦାନ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୨୯।୫**

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ବ୍ୟାଙ୍କର କାର୍ଯ୍ୟକାରିତାକୁ ନେଇ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟତଃ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ନାବାର୍ଡ ଦ୍ୱାରା ଆକଳନ କରାଯାଇଥିବା ଋଣ ଯୋଜନା ଭିତ୍ତିରେ ୨୩୨୬.୫୦ କୋଟି ଟଙ୍କାର ସଂଶୋଧିତ ବାର୍ଷିକ ଋଣ ଯୋଜନାକୁ ଅନୁମୋଦନ କରାଯାଇଥିଲା। ବାତ୍ୟା ପୀଡ଼ିତ ଚାଷୀ ଓ ଶିଳ୍ପୋଦ୍ୟୋଗୀମାନଙ୍କ ପାଇଁ ନୂତନ ଋଣ ପ୍ରଦାନ ଏବଂ ପୁରାତନ ନିୟମିତ ଋଣର ପୁନଃ ସରଳୀକରଣ କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ବ୍ୟାଙ୍କ ଖାତାଧାରୀଙ୍କ ପାଇଁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ବିନା ବନ୍ଧକରେ ଖାଉଟି ଋଣ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକୁ ଆସନ୍ତା ୩ ମାସ ମଧ୍ୟରେ ଶେଷ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବାତ୍ୟା ଫନୀରେ ପ୍ରଭାବିତ ହୋଇଥିବା ଅନୁଗୋଳ, ଛେଣ୍ଡିପଦା, ବଁଅରପାଳ, କଣିହାଁ ଓ ପାଲଲହଡ଼ାର ଚାଷୀ ଏବଂ ଶିଳ୍ପୋଦ୍ୟୋଗୀମାନଙ୍କ ପାଇଁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶକୁ ଅନୁସରଣ କରାଯାଇ ସେମାନଙ୍କୁ ନୂତନ ଋଣ ପ୍ରଦାନ କରାଯିବା ସହ ପୁରାତନ ଋଣକୁ ନିୟମିତ କରାଯିବ। ବୈଠକରେ ଅନୁମୋଦିତ ହୋଇଥିବା ସଂଶୋଧିତ ବାର୍ଷିକ ଋଣ ଯୋଜନାରେ କୃଷି, ଶିଳ୍ପ, ଗୃହ, ଶିକ୍ଷା ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ଜିଲାର ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଋଣ ବଣ୍ଟନ ବ୍ୟବସ୍ଥା କରାଯାଇଛି ବୋଲି ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ଗୌଡ଼ ପ୍ରକାଶ କରିଥିଲେ। ଏହାଛଡ଼ା ଏହି ବୈଠକରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ମିଶନଶକ୍ତି ଗୁଡ଼ିକୁ ଦିଆଯାଉଥିବା ଋଣ ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ୟୁକୋ ବ୍ୟାଙ୍କ ଆଞ୍ଚଳିକ ଉପ ପ୍ରବନ୍ଧକ ଭାସ୍କର ଚନ୍ଦ୍ର ରାଉତ ଓ ନାବାର୍ଡର ଜିଲା ଉନ୍ନୟନ ପରିଚାଳକ ଶରତ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକମାନେ ଯୋଗ ଦେଇଥିଲେ।


ବୈଠକରେ ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ, ନାବାର୍ଡ ଅଧିକାରୀ ଓ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକମାନେ।

ଧରିତ୍ରୀ DHARITRI
www.orissakhabar.com / www.dharitri.com ପୃଷ୍ଠା ୧୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ୩୦ ମେ / ୨୦୧୯, Dhenkanal, Thursday May 30 / 2019




# ଜିଆର୍‌ଏସ୍‌ଙ୍କୁ ମରଣାନ୍ତକ ଆକ୍ରମଣ

**ବାସୁଦେବପୁର, ୨୯।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତର ଜିଆର୍‌ଏସ୍ ଲମ୍ବୋଦର ଦାସଙ୍କୁ ମଙ୍ଗଳବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲମ୍ବୋଦରଙ୍କର ପଡ଼ୋଶୀ ଦମ୍ପତିଙ୍କ ସହ ବିବାଦ ଥିଲା। ଯୋଜନାବଦ୍ଧ ଭାବେ ଏହି ଦମ୍ପତି ମଙ୍ଗଳବାର ରାତିରେ ଲମ୍ବୋଦରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଲମ୍ବୋଦରଙ୍କ ମୁଣ୍ଡ, ହାତ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଗ୍ରାମବାସୀ ଆକ୍ରମଣକାରୀ ଦମ୍ପତିଙ୍କୁ ଏକ ଘରେ ପୂରାଇ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ଦମ୍ପତିଙ୍କୁ ଉଦ୍ଧାର କରିଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ଘଟଣାର ତଦନ୍ତ ଚଳାଇଛି।




## ସଂକ୍ଷେପରେ

### ମିଟର ରିଡିଂ ବାହାନାରେ ଅସଦାଚରଣ ଅଭିଯୋଗ

**ଅନୁଗୋଳ ଅଫିସ, ୨୯।୫:** ମିଟର ରିଡିଂ ବାହାନାରେ ଅନୁଗୋଳ ଏନ୍‌ଜେନ୍‌ର ଜଣେ କର୍ମଚାରୀ ଜନୈକା ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଘରେ କେହି ନ ଥିବାବେଳେ ରାତି ପ୍ରାୟ ୧୦ଟାରେ ସମ୍ପୃକ୍ତ କର୍ମଚାରୀ ଜଣକ ଯୁବତୀଙ୍କ ଘରକୁ ଯାଇ କବାଟ ବାଡ଼େଇଥିଲେ। ଯୁବତୀ ଜଣକ କବାଟ ଖୋଲିବା ପରେ ସମ୍ପୃକ୍ତ କର୍ମଚାରୀ ମିଟର ରିଡିଂ କରି ବିଲ୍ ଦେବା ବେଳେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଯୁବତୀ ଥାନାରେ ମୌଖିକ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଡାକି ପଚରା ଉଚରା କରି ଛାଡ଼ି ଦେଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଏନ୍‌ଜେନ୍ ମ୍ୟାନେଜର ଚିତ୍ତରଞ୍ଜନ ରାଉତ କହିଛନ୍ତି, ଏ ସମ୍ପର୍କରେ ଏସ୍‌ଡିଓଙ୍କ ନିକଟରୁ ଶୁଣିଛି। ସମ୍ପୃକ୍ତ କର୍ମଚାରୀ କମ୍ପାନୀର ଆଉଟ ସୋର୍ସିଂ ଷ୍ଟାଫ ହୋଇଥିବାରୁ ଆମେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବୁ ନାହିଁ। ଏ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରନ୍ତୁ ବୋଲି ସେ କହିଛନ୍ତି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଅନୁଗୋଳ ଅଫିସ, ୨୯।୫:** ଅନୁଗୋଳ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଜଣେ ଯୁବକ ୨୭ ତାରିଖରେ ଅପହରଣ କରି ନେଇଥିବା ନାବାଳିକାଙ୍କ ମା’ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

### ରାସ୍ତା ତଳକୁ ଖସିଲା ଅଟୋ



**ମାଧପୁର, ୨୯।୫:** ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀ ଟାୱାର ନିକଟରେ ଏକ ଅଟୋ(ନଂ. ଓଆର୍ ୧୯ କେ ୩୮୩୭) ବୁଧବାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିଛି। ଏଥିରେ ଡ୍ରାଇଭରଙ୍କ ସମେତ ଦୁଇଜଣ ଯାତ୍ରା କରୁଥିଲେ। ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ଆଠମଲ୍ଲିକ ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲା।

### ଭାଲୁ ଆକ୍ରମଣରେ ଜଣେ ଆହତ



**ଛେଣ୍ଡିପଦା, ୨୯।୫ (ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାକୁଆ ଗ୍ରାମ କୁସୁମସାହିର ଲମ୍ବୋଦର ସାହୁ (୫୮) ବୁଧବାର ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି। ଲମ୍ବୋଦର ଘର ନିକଟରେ ଥିବା ପଡିଆକୁ ଶୌଚ ହେବା ପାଇଁ ଯାଉଥିବାବେଳେ ଏକ ଭାଲୁ ହାବୁଡରେ ପଡିଯାଇଥିଲେ। ଚିତ୍କାର ଶୁଣି ସେହି ରାସ୍ତା ଦେଇ ଯାଉଥିବା ଲୋକେ ଦୌଡି ଆସିବାରୁ ଭାଲୁ ଲମ୍ବୋଦରଙ୍କୁ ଛାଡି ପଳାଇଥିଲା। ତାଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଅନୁଗୋଳ ପୌର କାର୍ଯ୍ୟାଳୟରେ ଜିଲାପାଳ

# ସଫେଇ ସାର୍ଟିଫିକେଟ ଆଣିବାକୁ ନିର୍ଦ୍ଦେଶ



ଜିଲାପାଳ ପୌରପାଳିକା କାର୍ଯ୍ୟାଳୟରେ କାଗଜପତ୍ର ଯାଞ୍ଚ କରୁଛନ୍ତି।

**ଅନୁଗୋଳ ଅଫିସ, ୨୯।୫**

ଅନୁଗୋଳ ପୌରାଞ୍ଚଳରେ ପରିମଳ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପ୍ରଶାସକ ତଥା ଜିଲାପାଳ ମନୋଜ କୁମାର ମହାନ୍ତି। ବୁଧବାର ଜିଲାପାଳ ପୌର କାର୍ଯ୍ୟାଳୟରେ ପହଞ୍ଚି ସଫେଇ ଓ କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ କରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ୱାର୍ଡଗୁଡ଼ିକ ଠିକ୍ ଭାବେ ସଫେଇ ହେଉଛି କି ନାହିଁ ଏଣିକି ସେ ସମ୍ପର୍କରେ ଲୋକଙ୍କଠାରୁ ଦସ୍ତଖତ ସମ୍ବଳିତ ସାର୍ଟିଫିକେଟ୍ ଆଣିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସହରର ପରିମଳ ବ୍ୟବସ୍ଥା କାହିଁକି ଠିକ୍ ହେଉନାହିଁ ଓ କେଉଁଠି ସମସ୍ୟା ରହୁଛି ସେ ସମ୍ପର୍କରେ ଜିଲାପାଳ ପୌରନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲେ। ଏଥିସହ ପ୍ରତ୍ୟେକ ୱାର୍ଡର ସୁପରଭାଇଜର କ’ଣ କରୁଛନ୍ତି ବୋଲି ଜିଲାପାଳ ପ୍ରଶ୍ନ କରିଥିଲେ। ଏଣିକି ପ୍ରତି ୱାର୍ଡରେ ନିୟୋଜିତ ସୁପରଭାଇଜର ଦୈନିକ ସକାଳୁ ସେମାନଙ୍କ ୱାର୍ଡ ପରିଦର୍ଶନ କରିବେ। ନିଜ ୱାର୍ଡରେ ସଫେଇ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ଦସ୍ତଖତ ଆଣିବେ। ଯେଉଁ ୱାର୍ଡରୁ ଲୋକଙ୍କ ଦସ୍ତଖତ ନ ଆସିବ ସେ ୱାର୍ଡର ପରିମଳ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଧରାଯିବ ବୋଲି ଜିଲାପାଳ କହିଥିଲେ। ସେହିପରି ପୌର କର୍ମଚାରୀମାନେ କାର୍ଯ୍ୟାଳୟକୁ କେଉଁ ସମୟରେ ଆସୁଛନ୍ତି ଓ ଯାଉଛନ୍ତି ସେ ନେଇ ନଜର ରଖିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୌରପାଳିକା ଶୈଳୀ ଛାଡ଼ି ଟିମ୍ ୱାର୍କରେ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପୌରପାଳିକା ପକ୍ଷରୁ ଆଦାୟ ହେଉଥିବା ଟିକସ ଉପରେ ମଧ୍ୟ ଗୁରୁତ୍ୱ ଦେବା ପାଇଁ ପୌର ଅଧିକାରୀଙ୍କୁ ଜିଲାପାଳ କହିଥିଲେ। ଜିଲାପାଳଙ୍କ ସହ ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଉପସ୍ଥିତ ଥିଲେ।

## ଭାଜପାରୁ ଇସ୍ତଫା ଦେଲେ କୃପାସିନ୍ଧୁ

**କଣିହାଁ, ୨୯।୫(ଡି.ଏନ.ଏ.)**

କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତ ସମିତି ସଭ୍ୟ ତଥା ପବିତ୍ରନଗର ମଣ୍ଡଳ ଭାଜପା ସାଧାରଣ ସମ୍ପାଦକ କୃପାସିନ୍ଧୁ ସାହୁ ତାଙ୍କ ପଦବୀ ସହ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ଏ ନେଇ ସେ ବୁଧବାର ଗଣମାଧ୍ୟମକୁ ଜଣାଇଛନ୍ତି। ମଣ୍ଡଳ ସଭାପତିଙ୍କୁ ସେ ଇସ୍ତଫା ପତ୍ରର ନକଲ ପ୍ରଦାନ କରିଛନ୍ତି। ଦୀର୍ଘ ୧୮ ବର୍ଷ ହେଲା ସେ ଭାଜପାରେ ରହିବା ସହ ପଞ୍ଚାୟତ ନିର୍ବାଚନ ଲଢିଥିଲେ। ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ଦଳ ଛାଡିଥିବା ସେ କହିଛନ୍ତି।



# ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ମହିଳା ଗୁରୁତର



**ବନ୍ତଲା, ୨୯।୫(ଡି.ଏନ.ଏ. )**

ଅନୁଗୋଳ ଜିଲା ବନ୍ତଲା ଥାନା ଓ ରେଞ୍ଜ ଅଧୀନରେ ଥିବା ତଲଗଡ଼ ପଞ୍ଚାୟତ କନ୍ତମେଘ ଫରେଷ୍ଟ ବିଟ୍ ହାଉସ ନିକଟରେ ବନ୍ୟପ୍ରାଣୀ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୁଧବାର ସକାଳେ ଗ୍ରାମର ବିଜୁଳି ପ୍ରଧାନ (୫୫) ଗୁରୁତର ହୋଇଛନ୍ତି। ତାଙ୍କୁ ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗରେ ଦର୍ଶାଯାଇଛି, ମଙ୍ଗଳବାର ରାତିରେ ବର୍ଷା ପବନ ହୋଇଥିଲା। ସକାଳେ ଗାଁ ନିକଟରେ ଥିବା ଗଜା ଆମ୍ବତୋରିକୁ ବିଜୁଳି ଆମ୍ବ ଗୋଟାଇବାକୁ ଯାଉଥିଲେ। ଗ୍ରାମର ଜଣେ ବ୍ୟକ୍ତି ବନ୍ୟପ୍ରାଣୀ ଶିକାର ପାଇଁ ଗାଁ ମଠଠାରୁ ତାଙ୍କ ବାଇଗଣ ବଗିଚା ପର୍ଯ୍ୟନ୍ତ ଜିଆଇ ତାର ବିଛାଇ ବିଦ୍ୟୁତ୍ ସଂଯୋଗ ଦେଇଥିଲେ। ଉକ୍ତ ତାର ସଂସ୍ପର୍ଶରେ ଆସି ବିଜୁଳି ଅଚେତ ହୋଇପଡିଥିଲେ। ଏହା ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀ ତୁରନ୍ତ ବିଦ୍ୟୁତ୍ କାଟି ତାର ଛିଣ୍ଡାଇ ଦେଇଥିଲେ। ଏ ନେଇ ବନ ଓ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସଲାସୁତୁରା କରିବାକୁ ଗୁରୁତରଙ୍କ ପରିବାରକୁ ପରାମର୍ଶ ଦେଇଥିବା ଅଭିଯୋଗ ହୋଇଛି। ଡିଏଫଓ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି। ଘଟଣା ସମ୍ପର୍କରେ ବନ୍ତଲା ରେଞ୍ଜର ଡିଲେଶ୍ୱର ପ୍ରଧାନ କୁହନ୍ତି, ଖବରପାଇ ଘଟଣାସ୍ଥଳକୁ ତଦନ୍ତ କରିବା ପାଇଁ କର୍ମଚାରୀଙ୍କୁ ପଠାଯାଇଛି। ଏ ବିଷୟରେ ଏନ୍‌ଜେନ ଜେଇ କୁହନ୍ତି ଘଟଣାସ୍ଥଳକୁ କର୍ମଚାରୀଙ୍କୁ ପଠାଯିବା ସହ ତଦନ୍ତ କରାଯିବ।

# ମଦ କାରବାର ରୋକିବାକୁ ଦାବି

**ବଇଣ୍ଡା, ୨୯।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ଅଶ୍ରୁବାହାଳ ଗ୍ରାମରେ ବୁଧବାର ହଣ୍ଡପା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଲବ ବୋଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜାମୁନାଳୀ ସମିତି ସଭ୍ୟ ଲକ୍ଷ୍ମୀଧର ପ୍ରଧାନ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜୁନ ସାହୁ, ସନ୍ତୋଷ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ବିଜେଡି ନେତା ତପନ କୁମାର ସାହୁ, ଲୋକନାଥ ଦେହୁରୀ, ଅଜିତ କୁମାର ସାହୁ, ସୁରେଶ ଚନ୍ଦ୍ର ପ୍ରଧାନ, ସୁଦାମ କୁମାର ସାହୁ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳଗୁଡିକରେ ମାତ୍ରାଧିକ ଚୋରା ମଦ ବିକ୍ରି ଉପରେ ରୋକ ଲଗାଯିବା, ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ନ ହେବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ବୈଠକରେ ଦାବି କରିଥିଲେ। ଏଥିସହ ଜଙ୍ଗଲ ଅଧ୍ୟୁଷିତ ଏହି ଗ୍ରାମଗୁଡିକରେ ଜରୁରିକାଳୀନ ସେବା ପାଇଁ ମୋବାଇଲ ଟାୱାର ସ୍ଥାପନ କରାଯିବା ଓ ହାତୀ ଉପଦ୍ରବ ରୋକିବା ଦିଗରେ ପଦକ୍ଷେପ ନେବାପାଇଁ ଦାବି ହୋଇଛି।

# ବଢୁଛି ଜଙ୍ଗଲଜାତ ଦ୍ରବ୍ୟ ଚୋରାଚାଲାଣ

**ବଇଣ୍ଡା, ୨୯।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ ଥାନା ଅଞ୍ଚଳରୁ ଜଙ୍ଗଲ ଜାତ ଦ୍ରବ୍ୟ ଚୋରା ଚାଲାଣ ବୃଦ୍ଧିପାଉଛି। ଏହାକୁ ରୋକିବାକୁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, ଧଣ୍ଡାତୋପା ବନ ବିଭାଗ ଅଧୀନରେ ମଇମୁରା, କେଞ୍ଜୁଆନାଳୀ, ବିପ୍ରଡିହ, ଆମ୍ବଶରମୁଣ୍ଡା, ପୋଡାପଦର, କଂସାବ, ଧଣ୍ଡାତୋପା, କୋରବ, ଝାଟିକିବାହାଳ ଆଦି ୧୫ରୁ ଊର୍ଦ୍ଧ୍ୱ ଜଙ୍ଗଲ ରହିଛି। ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ଏହି ଜଙ୍ଗଲରେ କାଠ ମାଫିଆଙ୍କ ନଜର ପଡିଛି। ଏ ସବୁ ଜଙ୍ଗଲରୁ ପ୍ରତ୍ୟେକ ଦିନ ଚୋରାରେ କେନ୍ଦୁପତ୍ର, ଶାଳ, ଶାଗୁଆନ ପରି ବହୁ ମୂଲ୍ୟବାନ କାଠ ଚୋରା ଚାଲାଣ ହେଉଛି। ଜଙ୍ଗଲରେ ଅସ୍ଥାୟୀ ଭାବେ କ୍ୟାମ୍ପ କରାଯାଇ ବିଳମ୍ବିତ ରାତିରେ ଗାଡ଼ି ମାଧ୍ୟମରେ କାଠ ଚାଲାଣ କରାଯାଉଛି। ପାଇକସାହି, ଟାପଡୋଲ, ଅନ୍ତୁଳିଆ ଦେଇ ରାଜ୍ୟ ବାହାରକୁ ଜଙ୍ଗଲଜାତ ଦ୍ରବ୍ୟ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ମାଫିଆମାନେ ହାତ ଗୁଞ୍ଜା ଦେଇ ଏପରି କରୁଥିବା ପାଇକସାହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଧଣ୍ଡାତୋପା ରେଞ୍ଜର ରାହାସ ସାହୁ କୁହନ୍ତି, ବନ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଉଛି।

# କାର ଧକ୍କାରେ ଠିକାଦାର ଗୁରୁତର



**ବଅଁରପାଳ, ୨୯।୫(ଡି.ଏନ.ଏ.)**

ନାଲ୍‌କୋ କମ୍ୟୁନିଟି ସେଣ୍ଟର ନିକଟରେ ବୁଧବାର ଏକ କାର ଧକ୍କାରେ ମବେସର ମହମ୍ମଦ(୩୪) ନାମକ ଜଣେ ଠିକାଦାର ଗୁରୁତର ହୋଇଛନ୍ତି। ସେ ତାଙ୍କ ସ୍କୁଟିରେ ବସି କାମ ତଦାରଖ କରୁଥିବାବେଳେ ନାଲ୍‌କୋ ଟାଉନଶିପ୍‌ରୁ ଆସୁଥିବା ଏକ କାର୍(ନଂ. (ଓଆର୧୯ ଏନ ୦୬୧୫) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ନାଲ୍‌କୋ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ଚନ୍ଦନଯାତ୍ରାରୁ ବାଇକ୍ ଚୋରି

**ଛେଣ୍ଡିପଦା, ୨୯।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳରେ ଚନ୍ଦନଯାତ୍ରା ଚାଲିଥିବାବେଳେ ଛେଣ୍ଡିପଦା ଗ୍ରାମ ଭିତରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ବୁଧବାର ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଛେଣ୍ଡିପଦା ଥାନା ଚାଙ୍ଗୁଡିଆ ଗ୍ରାମର ଉଦୟନାଥ ପ୍ରଧାନ ଯାତ୍ରା ଦେଖିବା ପାଇଁ ଶ୍ୱଶୁର ଘର ଛେଣ୍ଡିପଦାକୁ ଆସିଥିଲେ। ସେ ଶ୍ୱଶୁର ଘର ସମ୍ମୁଖରେ ତାଙ୍କ ବାଇକ୍(ନଂ. ଓଆର୧୬ସି-୭୨୮୮) ରଖିଥିଲେ। ଭୋର ପ୍ରାୟ ୫ଟାରେ ସେଠାକୁ ଆସିବାରେ ବାଇକ୍ ନ ଥିବା ସେ ଦେଖିବାକୁ ପାଇଥିଲେ। ଗାଡ଼ି ଡିକିରେ ତାଙ୍କର ଆଧାର କାର୍ଡ, ଘର ଚାବିକାଠି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଜିନିଷ ରହିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ